# ପ୍ରାପ୍ତପତ୍ର

(ମତାମତ ପାଇଁ ସମ୍ପାଦକ ଦାୟୀ ନୁହଁନ୍ତି)

## ଆଇଆଇଟି ଦାବିରେ ସାଂସଦମାନେ ଇସ୍ତଫା ଦେବେ କି ?

ବିଳମ୍ବରେ ହେଲେ ବି ବିଜେଡ଼ି ବିଧାୟକମାନଙ୍କ ଆଇଆଇଟି ପ୍ରସଙ୍ଗ ନେଇ ବିଧାନସଭାରେ ସ୍ୱର ଉତ୍ତୋଳନ ପାଇଁ ସେମାନେ ରାଜ୍ୟବାସୀଙ୍କର ଧନ୍ୟବାଦର ପାତ୍ର । ପୁଣିଥରେ ଏକଜୁଟ ହୋଇ ପ୍ଲାକାର୍ଡ଼ ଧରି ବିଧାନସଭା ବାହାରକୁ ଆସି ମହାତ୍ମାଗାନ୍ଧୀଙ୍କ ପ୍ରତିମୂର୍ତ୍ତି ଆଗରେ ବିକ୍ଷୋଭ ପ୍ରଦର୍ଶନ କରିବା, ଆଇଆଇଟି ପ୍ରସଙ୍ଗକୁ ଅଗ୍ରାଧିକାର ଭାବେ ଗ୍ରହଣ କରାଯାଇ ମୁଖ୍ୟମନ୍ତ୍ରୀଙ୍କ ପକ୍ଷରୁ ପ୍ରଧାନମନ୍ତ୍ରୀଙ୍କ ନିକଟକୁ ଜରୁରୀ ଚିଠି ଲେଖାଯିବାରେ ନିଶ୍ଚିତ ଭାବେ ଓଡ଼ିଶାର ସ୍ୱାଭିମାନ ପ୍ରତିଫଳିତ ହୋଇଛି । ମାତ୍ର ଏଭଳି ପ୍ରସଙ୍ଗକୁ ବିରୋଧୀ ଦଳର ସଦସ୍ୟମାନେ ତୁଣ୍ଡରେ ନଧରି କେବଳ ଓକିଲ, ଡାକ୍ତରଙ୍କ କଥାକୁ ଗୁରୁତ୍ୱ ଦେଇ ଗୃହଛାଡ଼ି ଚାଲିଯିବା ଫଳରେ ରାଜ୍ୟର ସମୂହ ସ୍ୱାର୍ଥସିଦ୍ଧି ଦିଗରେ ଆଇଆଇଟି ସ୍ଥାପନ ଭଳି ଏକ ସମ୍ମାନଜନକ ଏବଂ ଜରୁରୀ ପ୍ରସଙ୍ଗକୁ ଗୁରୁତ୍ୱ ଦିଆଯାଉନଥିବା ଭଳି ମନେହୁଏ । ଓକିଲ-ଡାକ୍ତରଙ୍କ ନ୍ୟାଯ୍ୟ ଦାବିକୁ ସରକାର ବହୁଦିନ ଉପେକ୍ଷା କଲେଣି ।

ଏହି ସମସ୍ୟାର ତତ୍କାଳ ସମାଧାନ ଅତ୍ୟନ୍ତ ଜରୁରୀ- ଏକଥା ଶାସକ ଦଳ ଜାଣି ରଖିବା ଉଚିତ । ସେହିଭଳି ବିରୋଧୀ କଂଗ୍ରେସ ଦଳ ରାଜ୍ୟର ସ୍ୱାର୍ଥ ଦୃଷ୍ଟିରୁ ତୁରନ୍ତ ଆଇଆଇଟି ସ୍ଥାପନ ନେଇ ପ୍ରଧାନମନ୍ତ୍ରୀଙ୍କଠାରେ ନିଜର ଦାବି ଉପସ୍ଥାପନ କରିବାର ଠିକଣା ସମୟକୁ ହାତଛଡ଼ା କରିଦେଲେ ରାଜ୍ୟବାସୀଙ୍କଠୁ କ'ଣ କ୍ଷମା ପାଇଯିବେ ?

ସୂଚନାଯୋଗ୍ୟ ୨୦୦୮ କେନ୍ଦ୍ର ବଜେଟ ଉପସ୍ଥାପନାବେଳେ ଅର୍ଥମନ୍ତ୍ରୀ ପି. ଚିଦମ୍ବରମ୍‌ଙ୍କ ଶିକ୍ଷା ବଜେଟରେ ଯେଉଁ ୩ଟି ଆଇଆଇଟି ସ୍ଥାପନ ପ୍ରସ୍ତାବ ଦିଆଯାଇଛି, ସେଗୁଡ଼ିକ ଆନ୍ଧ୍ର, ବିହାର ଓ ରାଜସ୍ଥାନ ପାଇଁ ଉଦ୍ଦିଷ୍ଟ ଥିବାବେଳେ ଓଡ଼ିଶାକୁ ଉପେକ୍ଷା କରାଯାଇଥିବା କଥା ଏଯାଏଁ କ'ଣ ଆମର ସାଂସଦ ତଥା ରାଜ୍ୟ ବିରୋଧୀ ଦଳ ସଦସ୍ୟମାନେ ଜାଣିନାହାନ୍ତି ? ମୁଖ୍ୟମନ୍ତ୍ରୀଙ୍କ ସମସ୍ତ ପ୍ରଚେଷ୍ଟା ଜାରି ରହିଥିବାବେଳେ 'ସମାଜ'(୩।୩।୦୮) ପ୍ରାପ୍ତପତ୍ର ସ୍ତମ୍ଭରେ ଜଗନ୍ନାଥ ପ୍ରସାଦ ଦାଶଙ୍କ 'ଓଡ଼ିଶାରେ ଆଇଆଇଟି ପ୍ରତିଷ୍ଠା ଏକାନ୍ତ ଜରୁରୀ' ଏକ ଉପାଦେୟ ଉପସ୍ଥାପନା । ସେହିଭଳି ଏଇ ଲେଖକର 'ସମାଜ' (୧୧.୧୦.୦୭ ଓ ୬.୨.୦୮ ତାରିଖ)ରେ ପ୍ରକାଶିତ 'ବୁର୍ଲା ଇଞ୍ଜିନିୟରିଂ କଲେଜକୁ ଆଇଆଇଟି ମାନ୍ୟତା' ଏବଂ 'ଚିଠି ଲେଖାରେ ହିଁ ଆଇଆଇଟି ରହିଗଲା' ଭଳି ୨ଟି ପ୍ରବନ୍ଧ ସହିତ 'ସମାଜ' ସମ୍ପାଦକୀୟ (୬।୨।୦୮) 'ଆଇଆଇଟି ଓ ରାଜନୀତି' ଲେଖାକୁ ଆମ ସାଂସଦମାନେ ନିଶ୍ଚୟ ପାଠ କରିଥିବେ । ତେବେ ରାଜ୍ୟର ମୁଖ୍ୟମନ୍ତ୍ରୀଙ୍କ ଦାବି ସହିତ ଦଳମତ ନିର୍ବିଶେଷରେ ଏ ବିଷୟରେ କେନ୍ଦ୍ରରେ ଦୃଢ଼ ସ୍ୱରଉତ୍ତୋଳନ ସହିତ କାମ ହାସଲ କରିବା ପାଇଁ ଏଯାଏ ସାଂସଦମାନଙ୍କ ନୀରବତା ରାଜ୍ୟବାସୀଙ୍କୁ ଆଶ୍ଚର୍ଯ୍ୟ କରିଛି ।

ନିକଟ ଅତୀତରେ 'ଜୟ ତେଲେଙ୍ଗାନା' ଧ୍ୱନିଦେଇ ସ୍ୱତନ୍ତ୍ର ତେଲେଙ୍ଗାନା ରାଜ୍ୟ ଦାବି କରୁଥିବ ସମସ୍ତ ଚାରିଜଣ ସାଂସଦ ନିଜ ରାଜ୍ୟ ଓ ଭାଷା ସ୍ୱାଭିମାନରେ ଇସ୍ତଫା ଦେବ ପ୍ରସଙ୍ଗରୁ କ'ଣ ଆମ ରାଜ୍ୟର ସାଂସଦମାନଙ୍କୁ 'ସ୍ୱାଭିମାନ' ସମ୍ପର୍କରେ କିଛି ବି ଶିକ୍ଷା ମିଳିଲାନି ?? ସ୍ୱାର୍ଥକୁ ସାରଥୀ ନକରି ମଧୁବାବୁଙ୍କ ସ୍ୱାଭିମାନ ଓଡ଼ିଶାର ସାଂସଦମାନେ ଆଇଆଇଟି ଭଳି ଏକ ଗୁରୁତ୍ୱପୂର୍ଣ୍ଣ ଓ ସ୍ୱାଭିମାନ ଜଡ଼ିତ 'ରାଜ୍ୟମ୍ ଆଦ୍ୟମ୍' ପ୍ରସଙ୍ଗ ନେଇ ଲକ୍ଷ୍ୟ ହାସଲ ନହୋଇପାରିଲେ ସଂସଦରୁ ସମୂହ ଇସ୍ତଫା ଦେବେ କି ??

**ଇଂ. ଅକ୍ଷୟ ମିଶ୍ର, ପ୍ରତିଷ୍ଠାତା 'ଆସୋସିଏସନ ଅଫ ଇଞ୍ଜିନିୟର୍ସ', ପ୍ଲଟ ନଂ. ୨ଡି/୨୨୧/ ୩୧, ସେକ୍ଟର-୧୧, ସିଡିଏ, କଟକ-୧୪**